# ପିଲାଙ୍କ ଧରିତ୍ରୀ



ଶନିବାର, ୫ ଜାନୁୟାରୀ, ୨୦୧୯



୪ ତୁମ ତୂଳୀରୁ

୮ ଆଇନା




୭ ଜଣା ଅଜଣା

୩ ଆସ ଜାଣିବା



# ମତାମତ

“ପୃଷ୍ଠା ୮ରେ ପ୍ରକାଶିତ ନୂଆବର୍ଷ କେଉଁଠି କେମିତି ପଢି ବିଭିନ୍ନ ସ୍ଥାନରେ କିପରି ଓ କେଉଁଦିନ ନୂଆବର୍ଷ ପାଳିତ ହୁଏ ଜାଣିବାକୁ ମିଳିଲା। ପ୍ରତିଟି ସ୍ଥାନରେ ଜାନୁୟାରୀ ୧ ତାରିଖରେ ନୂଆବର୍ଷ ପାଳିତ ହୁଏ ବୋଲି ଯେଉଁ ଧାରଣା ଥିଲା ତାହା ଦୂର ହେଲା।

– ସୋନାଲିନ୍ ମହାପାତ୍ର,
ତିର୍ତ୍ତୋଲ, ଜଗତ୍‌ସିଂହପୁର

“ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା ‘ପକ୍ଷୀ ଶିକାରୀ ସାବଧାନ’ ଗପଟି ବେଶ୍ ଶିକ୍ଷଣୀୟ ହୋଇଛି।

– ମନୋଜ ଶତପଥୀ, ବାଙ୍କୀ, କଟକ

“ପୃଷ୍ଠା ୪ ଓ ୫ରେ ସ୍ଥାନ ପାଇଥିବା ଗତ ବର୍ଷର କଳିକାମାନଙ୍କ ବିଷୟରେ ପଢି ଭଲ ଲାଗିଲା।

– ଶର୍ମିଷ୍ଠା ପଟ୍ଟନାୟକ, ଓଡଗାଁ, ନୟାଗଡ

“ନୂଆ ବରଷର କବିତା ଦୁଇଟି ବେଶ୍ ମନଛୁଆଁ ହୋଇଥିଲା।

– ଅଭୀପ୍ସା ସାମନ୍ତରାୟ, ଢେଙ୍କାନାଳ

“ଛାତ୍ରୀଛାତ୍ରଙ୍କ ନୂଆବର୍ଷ ପାଳନ ବିଷୟରେ ପଢି ଖୁସି ଲାଗିଲା।

– ମିଲନ୍ ମହାପାତ୍ର, ଭୁବନେଶ୍ୱର



## ଗପ

# ବେଙ୍ଗ ରାଜକୁମାର

ଜଣେ ଥିଲେ ରାଜା। ତାଙ୍କର ଥିଲେ ତିନୋଟି ସୁନ୍ଦରୀ ଝିଅ। ସେମାନଙ୍କ ଭିତରୁ ସାନ ରାଜକୁମାରୀ ଥିଲେ ଖୁବ୍ ସୁନ୍ଦରୀ। ତାଙ୍କର ଥିଲା ଲମ୍ୱା ଲମ୍ୱା ଘଞ୍ଚ କଳାକେଶ, ଉଜ୍ଜ୍ୱଳ ଆଖି ଆଉ ଗୋଲାପି ଗାଲ। ସେ ବି ଥିଲେ ଭାରି ଦରଦୀ। ସଭିଙ୍କୁ ଭଲ ପାଉଥିଲେ।

ଦିନେ ସାନ ରାଜକୁମାରୀ ବଗିଚାରେ ସୁନା ବଲ୍‌ଟିଏ ଧରି ଖେଳୁଥିଲେ। ହଠାତ୍ ବଲ୍‌ଟି ତାଙ୍କ ହାତରୁ ଖସିଯାଇ ବଗିଚାରେ ଥିବା ଗୋଟିଏ ପୁରୁଣା କୂଅ ଭିତରେ ଗଳିପଡ଼ିଲା।

ରାଜକୁମାରୀ ବଲ୍‌ଟିକୁ ହରାଇ ଖୁବ୍ ମନ ଦୁଃଖ କଲେ। ସେହି ସମୟରେ ଗୋଟିଏ ଅପରଚ୍ଛନିଆ ବେଙ୍ଗ ସେହିଠାରେ ଫକ୍‌ଫକ୍ ହୋଇ ଡେଉଁଥିଲା। ସେ ରାଜକୁମାରୀଙ୍କ ପାଖରେ ଆସି କହିଲା, ମନ ଦୁଃଖ କରନା, ମୁଁ ତୁମ ବଲ୍‌ଟିକୁ କୂଅ ଭିତରୁ ଆଣି ଦେବି। ହେଲେ ତା’ ବଦଳରେ ତମେ ମତେ କ’ଣ ଦେବ କହିଲ? ରାଜକୁମାରୀ କହିଲେ– ତୁ ଯାହା ମାଗିବୁ ମୁଁ ତାହା ଦେବି। ବେଙ୍ଗ କହିଲା– ତୁମେ ଶପଥ କରି କୁହ ଯେ ମୁଁ ତୁମକୁ ବଲ୍‌ଟି ଆଣି ଦେଲେ ତୁମେ ମୋତେ ସାଙ୍ଗରେ ଖୁଆଇବ ଆଉ ତୁମ ଶେଯରେ ମତେ ଶୁଆଇବାକୁ ଦେବ।

ରାଜକୁମାରୀ କହିଲେ– ଠିକ୍ ଅଛି, ମୁଁ ଶପଥ କଲି। ଯେମିତି ବେଙ୍ଗ ଏ କଥା ଶୁଣିଛି ସେ ସାଙ୍ଗେ ସାଙ୍ଗେ କୂଅ ଭିତରକୁ ଡେଇଁ ପଡ଼ିଲା। ତୁରନ୍ତ ସୁନା ବଲ୍‌ଟିକୁ ଆଣି ରାଜକୁମାରୀଙ୍କୁ ଦେଇଦେଲା।

ରାଜକୁମାରୀ ମହାଆନନ୍ଦରେ ସୁନା ବଲ୍‌ଟି ଧରି ଉଆସ ଭିତରକୁ ଦୌଡ଼ିଲେ। ବେଙ୍ଗ କଥା ତାଙ୍କର ଜମାରୁ ଖିଆଲ ରହିଲା ନାହିଁ। ତା’ ପରଦିନ ରାଜକୁମାରୀ ରାଜପରିବାର ଲୋକଙ୍କ ସହ ଖାଇବା ଟେବୁଲ ପାଖରେ ବସିଛନ୍ତି ହଠାତ୍ ଖୋଲା ଝରକା ଦେଇ ସେଇ ଅପରଚ୍ଛନିଆ ବେଙ୍ଗଟା ରାଜକୁମାରୀଙ୍କ ପାଖକୁ ଡେଇଁ ପଡ଼ିଲା।

କଥା କ’ଣ ବୋଲି ରାଜା ଝିଅକୁ ପଚାରିବାରୁ ସେ ଗତକାଲି ଘଟଣା ସବୁ କହିଲା। ରାଜା କହିଲେ– ଝିଅ କଥା ଦେଇ କଥା ରଖିବା ଉଚିତ ଓ ଏବେ ଉପକାରୀ ବେଙ୍ଗକୁ ତୋ ସାଥିରେ ଖୁଆଇବାକୁ ଦେ, ଆଉ ତୋ ଶେଯରେ ତାକୁ ଶୋଇବାକୁ ଦେ। ରାଜା ଝିଅକୁ ଏ ସବୁ ଭାରି ଅଡୁଆ ଲାଗିଲା ହେଲେ, ବାପାଙ୍କ କଥାରେ ଅପରଚ୍ଛନିଆ ବେଙ୍ଗକୁ ସେ ନିଜ ଥାଳିରେ ଖାଇବାକୁ ଦେଲା। କିନ୍ତୁ ପାଖରେ ଶୁଆଇବାକୁ ଦେଲା ନାହିଁ। ବେଙ୍ଗ ଶୋଇବାକୁ ଜିଦ୍ କରିବାରୁ ସେ ଘୃଣାରେ ତାକୁ ଧରି ଚଟାଣକୁ ଫିଙ୍ଗିଦେଲା।

ଚଟାଣରେ ପଡ଼ି ବେଙ୍ଗଟି ଯନ୍ତ୍ରଣାରେ କାନ୍ଦିଲା। ଏହା ଦେଖି ରାଜକୁମାରୀ ମନରେ ଦୟା ଆସିଲା। ସେ ବେଙ୍ଗଟିକୁ ହାତରେ ଧରି ଗେଲରେ ତାକୁ ଚୁମାଟିଏ ଦେଲାବେଳେ ଗୋଟିଏ ଅଦ୍ଭୁତ ଘଟଣା ଘଟିଲା। ବେଙ୍ଗଟି ଗୋଟିଏ ସୁନ୍ଦର ରାଜକୁମାର ପାଲଟିଯାଇଥିଲା। ବେଙ୍ଗ ରାଜକୁମାର ତା’ କାହାଣୀ ଶୁଣାଇଲା ଯେ ସେ ଜଣେ ଋଷିଙ୍କ ଅଭିଶାପରେ ଦିନେ ବେଙ୍ଗ ପାଲଟି ଯାଇଥିଲା। ସେହି ଋଷି ପୁଣି କହିଥିଲେ ଯଦି କୌଣସି ସୁନ୍ଦରୀ ରାଜକୁମାରୀ ତାକୁ ଗେଲରେ ଚୁମାଟିଏ ଦେବେ ତେବେ ସେ ତାର ପୂର୍ବରୂପ ଫେରିପାଇବ। ଏଥର ରାଜକୁମାରୀର ଆନନ୍ଦ କହିଲେ ନ ସରେ। ରାଜା ଏ କଥା ଶୁଣି ଖୁବ୍ ଖୁସି ହୋଇଗଲେ। ଖୁବ୍ ଧୁମଧାମ୍‌ରେ ବେଙ୍ଗ ରାଜକୁମାରଙ୍କ ସହ ସୁନ୍ଦରୀ ରାଜକୁମାରୀଙ୍କ ବାହାଘର ହୋଇଗଲା।

**– ଭିକାରୀ ଚରଣ ପ୍ରଧାନ**
କହ୍ନେଇପୁର, ଖୋର୍ଦ୍ଧା,
ମୋ: ୯୯୩୮୪୬୦୫୪୪

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

ରୋନୀ: ରୋନୀ କହିଲୁ, ମୁଁ ଗୋଟେ ପ୍ରଶ୍ନ ପଚାରୁଛି ତା ଉତ୍ତର କହ ?
ମୋନୀ: ହଁ ,ପଚାରେ।
ରୋନୀ: ସେ କେଉଁ ଆଙ୍ଗୁଠି ଯାହା ମଝିରେ ହାଡ ନଥାଏ।
ମୋନୀ: କେଜାଣି
ରୋନୀ: ଗ୍ଲୋବ୍ସ।

ଆକାଶ : ମୁଁ ଅସମ୍ଭବକୁ ସମ୍ଭବ କରିଦେବି।
ବିକାଶ: ଆରେ, ବା, କେମିତି ?
ଆକାଶ: ବହୁତ ସହଜ, ଅସମ୍ଭବରୁ ଅ କାଢ଼ିଦେଲେ ହୋଇଯିବ ସମ୍ଭବ।

ରାଜେଶ : ବାପା, ମୋତେ ଗୋଟିଏ ସାଇକେଲ ଦିଅ।
ବାପା: ଭଗବାନ୍ ଦୁଇଟି ଗୋଡ କେଉଁଥିପାଇଁ ଦେଇଛନ୍ତି ?
ରାଜେଶ: ସାଇକେଲର ପେଡାଲ ମାରିବାକୁ ।

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ବିଜ୍ଞାନ କଥା



# ଅଦ୍ଭୁତ ପଥର

ପ୍ରଶାନ୍ତ କୁମାର ମିଶ୍ର

ପୁତୁଲି ଅଷ୍ଟମ ଶ୍ରେଣୀରେ ପଢ଼େ। ଦିନେ ବିଦ୍ୟାଳୟ ଛୁଟି ପରେ ପୁତୁଲି ମାମାଙ୍କୁ କହିଲା, 'ମାମା, ତୁମେ ଯେଉଁ ପଥର ଭାସିବା କଥା କହୁଥିଲ, ଆମ ବିଜ୍ଞାନ ଶିକ୍ଷକ ସେ ବିଷୟରେ ଆଜି ବୁଝାଇଦେଲେ।'

ମାମା କହିଲେ, ମୁଁ ତ ରାମାୟଣରେ ଭଗବାନ ଶ୍ରୀରାମ ସୀତାମାତାଙ୍କ ଉଦ୍ଧାର ନିମନ୍ତେ ଲଙ୍କାକୁ ସେତୁବନ୍ଧ ବାନ୍ଧିବା ସମୟରେ ଭାସମାନ ପଥର ବ୍ୟବହାର କରିଥିବାର କହିଥିଲି। ମାତ୍ର ସତରେ କ'ଣ ପଥର ଭାସେ ? ଆମେ ତ ଦେଖିଛେ, ପୋଖରୀକୁ ଢେଲାଟେ ମାରିଲେ ତାହା ପୋଖରୀ ପାଣିରେ ବୁଡ଼ିଯିବାର।

ପୁତୁଲି ଖୁବ୍ ଉତ୍ସାହର ସହ ଉତ୍ତର ଦେଲା, ମାମା ସବୁ ପଥର ପାଣିରେ ଭାସେନି। କିଛି ବିଶେଷ ପ୍ରକାରର ପଥର ଜଳରେ ଭାସିଥାଏ। ମାମା, ତୁମେ ଶୁଣ ଆମ ବିଜ୍ଞାନ ସାର୍ କହିଥିବା କଥାକୁ ମୁଁ ଭଲକରି ବୁଝାଇ ଦେଉଛି।

ଭୂପୃଷ୍ଠରେ ମୁଖ୍ୟତଃ ତିନି ପ୍ରକାର ଶିଳା ବା ପଥର ମିଳେ ବୋଲି ଭୂ-ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ସେ ଶିଳାଗୁଡ଼ିକ ହେଲା-ଆଗ୍ନେୟ ଶିଳା, ସ୍ତରୀଭୂତ ଶିଳା ଏବଂ ରୂପାନ୍ତରିତ ଶିଳା। ଆଗ୍ନେୟଗିରିର ଉଦ୍‌ଗୀରଣ ସମୟରେ ନିର୍ଗତ ହେଉଥିବା ଉତ୍ତପ୍ତ ତରଳ ଲାଭା କ୍ରମେ ଶୀତଳ ହୋଇ କଠିନ ହେଲେ ଆଗ୍ନେୟଶିଳାରେ ପରିଣତ ହୁଏ। ବର୍ଷ ବର୍ଷ ଧରି ନଦୀ ସ୍ରୋତ, ବୃଷ୍ଟିପାତ, ବାୟୁ ପ୍ରବାହ ଓ ହିମବାହ ଦ୍ୱାରା ପରିବାହିତ ଏବଂ ସଞ୍ଚିତ ମୃତ୍ତିକା ସ୍ତରରୁ ସ୍ତରୀଭୂତ ଶିଳା ଗଠିତ ହୁଏ। ଆଗ୍ନେୟ ଶିଳା ଓ ସ୍ତରୀଭୂତ ଶିଳାରେ ବିଭିନ୍ନ ସମୟରେ ତାପ ଓ ଚାପ ଯୋଗୁ ପରିବର୍ତ୍ତନ ଘଟିଲେ ତାକୁ ରୂପାନ୍ତରିତ ଶିଳା କୁହାଯାଏ। ମାମା ପୁତୁଲିର ଆଗ୍ରହ ବଢାଇବା ନିମନ୍ତେ ପଚାରିଲେ, ଆରେ ଏତେ କଥା କହୁଛୁ, ଜଲ୍‌ଦି ଟିକେ ସେ ଅଦ୍ଭୁତ ଶିଳା ବାବଦରେ କହୁନୁ। ପୁତୁଲି ଉତ୍ତର ଦେଲା, ''ମାମା ତୁମେ ଟିକେ ଧୈର୍ଯ୍ୟ ଧର, ସବୁ ବୁଝାଇ ଦେଉଛି।''

ଭାସମାନ ପଥରକୁ ଭୂ-ବୈଜ୍ଞାନିକମାନେ ପ୍ୟୁମିସ ନାମରେ ନାମିତ କରିଛନ୍ତି। ପ୍ୟୁମିସ ଶିଳାଖଣ୍ଡଗୁଡ଼ିକ ଆଗ୍ନେୟଶିଳାର ଅଂଶବିଶେଷ। ଆଗ୍ନେୟଗିରିରୁ ଲାଭା ଉଦ୍‌ଗୀରଣ ସମୟରେ ଉତ୍ତପ୍ତ ଏବଂ କଠିନ ପଥର ଖଣ୍ଡଗୁଡ଼ିକ ପୃଥିବୀର ମଧ୍ୟସ୍ତର ବା ମ୍ୟାଣ୍ଟଲରୁ ଭୂପୃଷ୍ଠକୁ ବିଛାଡ଼ି ହୋଇ ପଡ଼ିଥାଏ। ଉତ୍ତପ୍ତ ପଥରଖଣ୍ଡଗୁଡ଼ିକ ଭୂପୃଷ୍ଠରେ ପଡ଼ିବା ସମୟରେ ବାୟୁମଣ୍ଡଳ ସଂସ୍ପର୍ଶରେ ଆସେ। ବାୟୁମଣ୍ଡଳ ସାଧାରଣତଃ ଥଣ୍ଡା ହେତୁ ଉତ୍ତପ୍ତ ଶିଳାଖଣ୍ଡଗୁଡ଼ିକ ସଙ୍ଗେ ସଙ୍ଗେ ଥଣ୍ଡା ହୋଇଯାଆନ୍ତି ଏବଂ ପଥର





ଖଣ୍ଡଗୁଡ଼ିକରେ ଥିବା ଗ୍ୟାସୀୟ ଯୌଗିକ ମାନ ବାୟୁମଣ୍ଡଳକୁ ବାହାରିଯାଏ। ଗ୍ୟାସୀୟ ଯୌଗିକ ମାନ ବାହାରିଯିବା ଫଳରେ, ଉତ୍ତପ୍ତ ଶିଳା ଖଣ୍ଡଗୁଡ଼ିକ ମହୁମାଛିର ଫେଣାପରି କଣା କଣା ହୋଇଯାଇଥାଏ। କଣା କଣା ହୋଇଯିବା ଯୋଗୁ ବସ୍ତୁତ୍ୱ ଓ ସାନ୍ଦ୍ରତାରେ ହ୍ରାସ ଘଟେ ଏବଂ ପଥର ଖଣ୍ଡମାନ ବହୁତ ହାଲୁକା ହୋଇଯାଆନ୍ତି। ବହୁତ ହାଲୁକା ହେବା ଫଳରେ ପ୍ୟୁମିସ ଶିଳାଖଣ୍ଡଗୁଡ଼ିକ ପାଣିରେ ଭାସିଥାଏ।

ପୁତୁଲିର କଥା ଶୁଣିସାରିବା ପରେ ମାମା ମୁଣ୍ଡ ଟୁଙ୍ଗାରି କହିଲେ, ଓଃ ହୋ, ଏବେ ବୁଝିଲି ପଥର ଖଣ୍ଡମାନ ଜଳରେ ଭାସେ କାହିଁକି।

-ଓଡ଼ିଶା ଶିକ୍ଷା ସେବା (ଏ), ସହକାରୀ ପ୍ରଫେସର (ଭୂତତ୍ତ୍ୱ ବିଜ୍ଞାନ),
ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼
ମୋ: ୯୯୬୭୩୪୦୪୦୪










ଆଜବ ଦୁନିଆ

# ବାର୍ବି ମ୍ୟାନ



ଆଜିକାଲିର ଡିଜିଟାଲ ଯୁଗରେ ପିଲାମାନେ ମୋବାଇଲ ଫୋନ, କମ୍ପ୍ୟୁଟର ଆଦିରେ ଗେମ୍ ଖେଳିବାକୁ ପସନ୍ଦ କରୁଥିବା ବେଳେ ସିଙ୍ଗାପୁରର ୩୮ ବର୍ଷ ବୟସ୍କ ଜିଆନ ୟାଙ୍ଗ ଭଲପା'ନ୍ତି ବାର୍ବିଡଲ ସହ ଖେଳିବା ପାଇଁ। ଜିଆନ ଏଯାବତ୍ ୫୦ଟି ଦେଶରୁ ପ୍ରାୟ ୧୦ହଜାରରୁ ଅଧିକ ବାର୍ବିଡଲ ସଂଗ୍ରହ କରି ନିଜ ଘରେ ସଜେଇ ରଖିଛନ୍ତି। କେବଳ ସେତିକି ନୁହେଁ ସେ ଏହି ଡଲ୍ ଗୁଡିକ ପାଇଁ କଷ୍ଟମାଇଜ୍ ପୋଷାକ ମଧ୍ୟ ତିଆରି କରନ୍ତି। ୪ ବର୍ଷ ବୟସରେ ଜିଆନ ନିଜର ପ୍ରଥମ ବାର୍ବିଡଲ ଉପହାର ସ୍ୱରୂପ ପାଇଥିଲେ। ସେବେଠାରୁ ତାଙ୍କର ଏହି ଡଲ ସଂଗ୍ରହ କରିବା ଆଗ୍ରହ ଜାଗ୍ରତ ହେଲା। ଏହି ସଂଗ୍ରହ ମଧ୍ୟରେ ଓସାମା ବିନ ଲାଡେନ୍, ସଦ୍ଦାମ ହୁସେନ୍, ଲେଡି ଡାଏନା, ଜେମ୍‌ସ୍ ବଣ୍ଡ ଆଦିଙ୍କ ଡଲ ମଧ୍ୟ ରହିଛି। ଜିଆନଙ୍କ ଏହି ସବୁ ଡଲ ମଧ୍ୟରେ ୧୯୬୦ର ନର୍ସ ପୋଷାକ ପରିହିତା ଏକ ବାର୍ବିଡଲ ହେଉଛି ସବୁଠାରୁ ପୁରୁଣା।

# ତୁମ ତୂଳୀରୁ

**୧**

**ଦିବ୍ୟରଞ୍ଜନ ଘଡେଇ**
କ୍ଲାସ-୭,ଏସ୍.ଏନ୍
ହାଇସ୍କୁଲ୍, ଅଲଣା,
ତିର୍ତ୍ତୋଲ,
ଜଗତ୍‌ସିଂହପୁର

**୨**

**ରିଚା ମହାନ୍ତି**
କ୍ଲାସ-୩,
ଡିଏଭି ପବ୍ଲିକ୍ ସ୍କୁଲ୍,
ୱାଟରୱାର୍କ୍ସ ରୋଡ ,
ପୁରୀ

**୩**

**ବି.ସୋମ୍ୟସିଦ୍ଧାର୍ଥ**
କ୍ଲାସ-୧, ସରସ୍ୱତୀ ଶିଶୁ
ବିଦ୍ୟା ମନ୍ଦିର,
ପୋତାପୋଖରୀ,
କଟକ

**୪**

**ଭବାଂଶୀ ହୋତା**
କ୍ଲାସ-୩,
ସାରସ୍ୱତ ବାଲ୍ ମନ୍ଦିର,
ଜୟପୁର,
କୋରାପୁଟ

**୫**

**ସୁଦୀପ ନାୟକ**
କ୍ଲାସ-୮, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ଗଡିରାଉତପାଟଣା,
କଟକ

**୬**

**ସିତେଜ୍ ଚମ୍ପତିରାୟ**
କ୍ଲାସ-୨,
ଡିଏଭି ପବ୍ଲିକ୍ ସ୍କୁଲ୍,
ପୋଖରୀପୁଟ,
ଭୁବନେଶ୍ୱର

**୭**

**ଆରାଧ୍ୟା ମିଶ୍ର**
କ୍ଲାସ-ମଣ୍ଟେଶ୍ୱରୀ-୨,
ସେଣ୍ଟ ଜାଭିୟର୍ସ ହାଇସ୍କୁଲ,
ସାମନ୍ତରାପୁର,
ଭୁବନେଶ୍ୱର

**୮**

**ପ୍ରୀତିନନ୍ଦା ସାମନ୍ତରାୟ**
କ୍ଲାସ-୮,
ଡିଏଭି ପବ୍ଲିକ୍ ସ୍କୁଲ୍,
ୱାଟରୱାର୍କ୍ସ ରୋଡ,
ପୁରୀ



୧


୨


୩



୪


୫


୬



୭


୮

ଖୋଜନ୍ତୁ ଅଲଗା



# ଅଲରାଉଣ୍ଡର ମୁସ୍କାନ



ଶିଶୁ ପ୍ରତିଭା

ମୁସ୍କାନ ମଲ୍ଲିକ, ବୟସ ୧୧। ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟ ସପ୍ତମ ଶ୍ରେଣୀର ମେଧାବୀ ଛାତ୍ରୀ। ଲୋକସଙ୍ଗୀତ ସହ ଭଜନ ପରିବେଷଣ, ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନରେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି ସେ। ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ସଙ୍ଗୀତ କନିଷ୍ଠ ବିଭାଗରେ ପ୍ରଥମ ହୋଇ ରାଜ୍ୟପାଳ ଟ୍ରଫି ହାସଲ କରିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଲୋକଗୀତ ପାଇଁ ଜାତୀୟ କଳାକାର ବୃତ୍ତି ପାଉଛନ୍ତି। ସେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଗୀତ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଦିଅନ୍ତି। ଏହାବ୍ୟତୀତ ପଏଁରୀ ଅନୁଷ୍ଠାନର କଣ୍ଠଶିଳ୍ପୀ ଭାବେ ଷ୍ଟେଜ୍ ପ୍ରୋଗ୍ରାମ କରୁଛନ୍ତି। ଏହି ପ୍ରତିଭା ପିଲାଟି ଦିନରୁ ଗୀତ ଶୁଣି ଗାୟିକା ହେବା ଲାଗି ସ୍ୱପ୍ନ ଦେଖିଥିଲେ। ମାତ୍ର ୬ ବର୍ଷ ବୟସରୁ ଶିଶୁ କଳାକାର ଭାବେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଗୁରୁ ହରି ଓଁ କୁଶଳଙ୍କଠାରୁ ସେ ଲୋକଗୀତ ଶିଖୁଛନ୍ତି। ସେହିପରି ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟର ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଗ୍ରହଣ କରୁଛନ୍ତି। ମୁଁ ଯେତେବେଳେ ଗୀତ ଗାଇବାକୁ କିମ୍ବା ନାଚିବାକୁ ଆଗ୍ରହ ପ୍ରକାଶ କଲି ସେତେବେଳେ ମା' ମନ୍ଦାକିନୀ ଓ ବାପା ହରିବୋଲ ମଲ୍ଲିକ ମୋତେ ଆହୁରି ଉତ୍ସାହିତ କରିଥିଲେ। ଜିଲା ଓ ରାଜ୍ୟସ୍ତରରେ ଯେଉଁ ପୁରସ୍କାରଗୁଡ଼ିକ ପାଇଛି ତାହା ମୋତେ ଆଗକୁ ଆଗେଇବା ଲାଗି ଯଥେଷ୍ଟ ପ୍ରେରଣା ଯୋଗାଇଛି ବୋଲି କହନ୍ତି ଏହି ଅଲରାଉଣ୍ଡର।

**– ମୃତ୍ୟୁଞ୍ଜୟ ଶତପଥୀ**

## ଏଥରର ପ୍ରଶ୍ନ ?

* 'ତପସ୍ୱିନୀ' କାବ୍ୟ କିଏ ରଚନା କରିଥିଲେ ?
* 'ଛମାଣ ଆଠ ଗୁଣ୍ଠ' କାହାର ରଚନା ?
* ବୈଦେହୀଶ ବିଳାସ କେଉଁ କବିଙ୍କର ଏକ ଅନନ୍ୟ କୃତି ?
* ମାଟି ମଟାଳ କିଏ ରଚନା କରିଥିଲେ ?
* ଚିଲିକା କାବ୍ୟର ରଚୟିତା କିଏ ?
* ମାଟିର ମଣିଷ କାହାର ରଚନା ?

## ଆରଥରର ଉତ୍ତର

* ଉଗାଦୀ
* ଗୁଡି ପଡ୍‌ୱା
* ମହାବିଷୁବ ସଂକ୍ରାନ୍ତି
* ପୁଥଣ୍ଡୁ
* ଭିଷୁ
* ବେସ୍ତୁ ଭରସ

## ତୁମ ପଢିବା ପାଇଁ

**ବାଲ୍ୟକାଳୁ ଧର୍ମଧନ କରୁଥା ଅର୍ଜନ :** ଶିଶୁକାବ୍ୟ 'ବାଲ୍ୟକାଳୁ ଧର୍ମଧନ କରୁଥା ଅର୍ଜନ' ରେ ରହିଛି ଛୋଟ ପିଲାଙ୍କ ପାଇଁ ଅନେକ ଶିକ୍ଷଣୀୟ ବିଷୟବସ୍ତୁ। ଏହାକୁ ୪୨ ପଦ ବିଶିଷ୍ଟ କାବ୍ୟାବଳୀରେ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ଲେଖକ ପ୍ରତାପ ମହାନ୍ତ(ଚରମାନନ୍ଦ ଦାସ)। ଶିଶୁ କାବ୍ୟଟିର ମୂଲ୍ୟ ରହିଛି ୧୦ଟଙ୍କା। ଯୋଗାଯୋଗ : ପ୍ରତାପ ମହାନ୍ତ, ଗୁରୁସ୍ୱାମୀ ନଗର, ଘଟଗାଁ, କେନ୍ଦୁଝର।



## ଶାନ୍ତିର ସ୍ତୂପ

ଏ ନୂଆ ବରଷ
'ଗଢି ଦେଉ ହୃଦେ ଶାନ୍ତିର ସ୍ତୂପ'
ସବୁରି ଆଖିରେ
ଝଲସିବ ସଦା କାଳିଆ ରୂପ।
ନୂଆ ବରଷରେ
ସଂସାରର ଭାର ହାତକୁ ନେଉ,
ଗମ୍ଭୀରି ଦେଉଳୁ
ମେଲି ଦେଇ ହାତ ଆଶିଷ ଦେଉ।
ସଂସାର ନଈରେ
ପାର କରିଦେବ ଜୀବନ ତରି
ସୁଖରେ ରଖିବ
ଆମରିମାନଙ୍କୁ ମଣିଷ କରି।

**–ଚିତ୍ତରଞ୍ଜନ ପଟ୍ଟନାୟକ**
ଘୁଟୁକେଶରୀ, ନରଣପୁର, କେନ୍ଦୁଝର
ମୋ: ୯୪୩୭୭୮୨୫୦୦

# କବିତା

## ସାନ ହେଲେ ବି ଗୁଣର

ସମାଜେ କାହା କାମରେ ଯଦି
ଲାଗିବ ନାହିଁ ଗୁଣ,
ଆକାର ବଡ଼ ରୂପ ସୁନ୍ଦର
ହେଲେ କି ଲାଭ କ'ଣ।
ସାଗର ପାଣି ଲୁଣିଆ ଲାଗେ
ଶୋଷରେ କିଏ ପିଏ,
ଟିକି ଝରଣା ସବୁରି ପ୍ରିୟ
ମଧୁର ପାଣି ଦିଏ।
ଶାଗୁଣା ପକ୍ଷୀ ତୀକ୍ଷ୍ଣ ତା' ଆଖି
ଉଡ଼ି ପାରଇ ଦୂରେ,
ସକାଳୁ କାଉ ପାଖରେ ଥାଇ
ଅଗଣା ସଫା କରେ।
ବଣୁଆ ହାତୀ ବିଶାଳ କାୟା
ଘଞ୍ଚ ଜଙ୍ଗଲେ ଥାଏ,
ନିରୀହ ଗାଈ ଗୁହାଳେ ରହି
କ୍ଷୀର ଆମକୁ ଦିଏ।
ବହୁତ ବଡ଼ ଖଜୁରି ଗଛ
ଫଳ ମିଳେ ନା ଛାଇ,
ତୁଳସୀ ଛୋଟ ଗଛ ହେଲେ ବି
ଔଷଧ ଗୁଣ ଥାଇ।

**–ଅନୀତା ପାଣି**
ସାଉଥ୍ ବଲଣ୍ଡା, ତାଳଚେର, ଅନୁଗୋଳ
ମୋ: ୮୩୨୭୭୦୫୯୭୦



# ଜଣା ଅଜଣା



**୨୫ ବର୍ଷ କେବଳ ଶୋଇଥାନ୍ତି:** ମନୁଷ୍ୟ ଜୀବନକାଳର ପ୍ରାୟ ୨୫ ବର୍ଷରୁ ଊର୍ଦ୍ଧ୍ୱ କେବଳ ଶୋଇବାରେ ହିଁ ବିତେଇଥାଏ ।

**ସବୁଠାରୁ ସମ୍ବେଦନଶୀଳ ଜୀବ:** ପୃଥିବୀର ସବୁଠାରୁ ସମ୍ବେଦନଶୀଳ ଜୀବ ହେଉଛି ହାତୀ । ଏହି ଜୀବ ଅନେକ ସମୟରେ ଅନ୍ୟ ଜୀବମାନଙ୍କୁ ବିପଦରୁ ଉଦ୍ଧାର କରୁଥିବାର ଦେଖାଯାଇଥାଏ ।



**କୁମ୍ଭମେଳା:** ଭାରତରେ ଅନୁଷ୍ଠିତ ହେଉଥିବା କୁମ୍ଭମେଳାରେ ପୃଥିବୀର ସର୍ବାଧିକ ସଂଖ୍ୟକ ପର୍ଯ୍ୟଟକ ଏକତ୍ରିତ ହେଉଥିବାର ରେକର୍ଡ କରାଯାଇଛି । ଏହି ମେଳା ମହାକାଶରୁ ମଧ୍ୟ ଦୃଶ୍ୟମାନ ହୁଏ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି ।





**ହର୍ନ ଲିଜାର୍ଡ :** ଉତ୍ତର ଆମେରିକାରେ ହର୍ନ ଲିଜାର୍ଡ ନାମକ ଏକ ପ୍ରକାର ଏଣ୍ଡୁଅ ଶତ୍ରୁକୁ ଭୟଭୀତ କରିବା ଲାଗି ଆଖିରୁ ରକ୍ତ ଉତ୍କ୍ଷେଣ କରିଥାଏ ।




**ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ଅଙ୍ଗ:** ଯକୃତ ବା ଲିଭର ହେଉଛି ମନୁଷ୍ୟ ଶରୀରର ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ଅଙ୍ଗ । ଯାହାର ହାରାହାରି ଓଜନ ୧.୨ ରୁ ୧.୫ କିଲୋଗ୍ରାମ ମଧ୍ୟରେ ରହିଥାଏ ।



**ଗିନିଜ୍ ୱାର୍ଲ୍ଡ ରେକର୍ଡ ପୁସ୍ତକ :** ପବ୍ଲିକ ଲାଇବ୍ରେରୀରୁ ସର୍ବାଧିକଥର ଚୋରି ହୋଇଥିବା ପୁସ୍ତକ ଭାବରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ପୁସ୍ତକ ରେକର୍ଡ ସୃଷ୍ଟି କରିଛି ।



**ଅଧିକ ଦିନ ପାଣି ନ ପିଇ ବଞ୍ଚୁଥିବା ଜୀବ:** ମୂଷାମାନେ ଓଟମାନଙ୍କଠାରୁ ଅଧିକ ଦିନ ପାଣି ନ ପିଇ ରହିପାରନ୍ତି ।

# ଆଇନା




ସତ୍ୟଜିତ୍
(୧୨ ବର୍ଷ)




ପ୍ରତ୍ୟୁଷ
(୯ ବର୍ଷ)



ସମୀକ୍ଷା
(୫ ବର୍ଷ)